ଲଲିଥା ଜେ. ରାଇ

ବନାମ

ଐଥପ୍ପା ରାୟ

ଏପ୍ରିଲ 27, 1995

[କେ. ରାମାସ୍ୱାମୀ ଏବଂ ବି. ଏଲ. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ ]

*ଦେୱାନୀ ପ୍ରକ୍ରିୟା ସଂହିତା, 1908 :*

*ଆଦେଶ 16- ନିୟମାବଳୀ 1 ଏବଂ 1 ( A) -ସାକ୍ଷୀମାନଙ୍କ ତାଲିକା- ଦାଖଲ କରିବା-ବିଳମ୍ବ-ପକ୍ଷ୍ୟ କାରଣ ଦର୍ଶାଇବ- ଯଦି ବିଳମ୍ବ ପାଇଁ ଯଥେଷ୍ଟ କାରଣ ଥିବା, ଆବେଦନକୁ ଅନୁମତି ଦିଆଯାଇପାରିବ, କାରଣ ଏଥିରେ କୌଣସି ସମ୍ପୂର୍ଣ୍ଣ ନିଷେଧ ନାହିଁ ।*

**ଆବେଦନକାରୀ-ବାଦୀଙ୍କ ଦ୍ୱାରା ଦାୟର ଏକ ମକଦ୍ଦମାରେ, ବାଦୀ ତାଙ୍କ ମାମଲାକୁ ପ୍ରମାଣ କରିବା ପାଇଁ ପ୍ରମାଣ ଯୋଗାଡ଼ କରିବା ପାଇଁ ସାକ୍ଷୀମାନଙ୍କର ତାଲିକା ସହିତ ଏକ ଆବେଦନ ଦାଖଲ କରିଥିଲେ । ଜଣେ ସାଧାରଣ କ୍ଷମତାପତ୍ର ଧାରକ ଭାବରେ, ତାଙ୍କ ସ୍ୱାମୀ ଏକ ସତ୍ୟପାଠ ଦାଖଲ କରିଥିଲେ ଯେ ତାଙ୍କର ପ୍ରକୃତ ଭୁଲ ଧାରଣା ଥିଲା ଯେ ସାକ୍ଷୀମାନଙ୍କ ତାଲିକା ପୂର୍ବରୁ ଦାଖଲ କରାଯାଇଛି, ତେଣୁ, ସାକ୍ଷୀମାନଙ୍କ ତାଲିକା ଦାଖଲ କରିବାରେ ବିଫଳତା ଉଦ୍ଦେଶ୍ୟମୂଳକ ନୁହେଁ । ବିଚାରଣ ନ୍ୟାୟାଳୟ ବିଳମ୍ବ ପାଇଁ କୌଣସି ଉପଯୁକ୍ତ ସ୍ୱଷ୍ଟୀକରଣ ନଥିବା ଦର୍ଶାଇ ଆବେଦନକୁ ଖାରଜ କରିଦେଇଥିଲେ । ଉଚ୍ଚ ନ୍ୟାୟାଳୟ ସମୀକ୍ଷା ଉପରେ ହସ୍ତକ୍ଷେପ କରିବାକୁ ମନା କରିଦେଇଥିଲେ । ଏଥିପାଇଁ ଏହି ଆବେଦନ ।**

**ଏହି ନ୍ୟାୟାଳୟ ଆବେଦନକୁ ଅନୁମତି ଦେଇ,**

**ନିର୍ଣ୍ଣୟ କରିଥିଲେ :1. ବିଧାନମଣ୍ଡଳ, ପକ୍ଷକୁ ସାକ୍ଷୀମାନଙ୍କୁ ହାଜର କରିବା କିମ୍ବା ସମ୍ପୃକ୍ତ ମାମଲାର ପ୍ରମାଣ ପାଇଁ ଦସ୍ତାବିଜ ଉପସ୍ଥାପନ କରିବା ପାଇଁ ସମ୍ପୂର୍ଣ୍ଣ ନିଷେଧ କରିନାହିଁ । ତଥାପି, ଯେତେବେଳେ ସେମାନେ ନ୍ୟାୟାଳୟର ସହାୟତା ଲୋଡ଼ନ୍ତି, ସେତେବେଳେ ସେମାନଙ୍କୁ ଆଦେଶ 16 ର ନିୟମ 1 ଅନୁଯାୟୀ ନିର୍ଦ୍ଧାରିତ ସମୟ ମଧ୍ୟରେ ଆବେଦନ ଦାଖଲ କରି ନାହାଁନ୍ତି, ତାହାର କାରଣ ଦେବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । [863- B, C]**

**2.** ଆବେଦନକାରୀଙ୍କ ସ୍ୱାମୀ ଆବେଦନରେ କହିଥିଲେ ଯେ ସେମାନେ ପ୍ରକୃତ ଧାରଣାରେ ଥିଲେ ଯେ ସେମାନେ ସାକ୍ଷୀଙ୍କ ତାଲିକା ସହିତ ଦସ୍ତାବିଜ ଦାଖଲ କରିସାରିଛନ୍ତି ଏବଂ ତାଲିକା ଦାଖଲ ନକରିବାର ଭୁଲ୍ ଯେତେବେଳେ ସେମାନେ ବିଚାର ପାଇଁ ପ୍ରସ୍ତୁତ ହେଉଥିଲେ ସେତେବେଳେ ଜଣାପଡିଥିଲା । ଏହା

**ବିବାଦୀୟ ନୁହେଁ ଯେ ବିଚାର ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ । ବିଚାରଣ ନ୍ୟାୟାଳୟ ବାଦୀଙ୍କ ଦ୍ୱାରା ପ୍ରମାଣର ଉପସ୍ଥାପନ ପାଇଁ ସାକ୍ଷୀମାନଙ୍କୁ ଡକାଇବା ପାଇଁ ତାଲିକା ଗ୍ରହଣ କରିବାକୁ ମନା କରି ବେଆଇନ କାର୍ଯ୍ୟ କରିଥିଲେ । ବିଚାରଣ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବାତିଲ କରାଗଲା । ପୂର୍ବରୁ ଦିଆଯାଇଥିବା ତାଲିକାଟି ଏକ ବୈଧ ତାଲିକା ଅଟେ । ବିଚାରଣ ନ୍ୟାୟାଳୟଙ୍କୁ ବାଦୀଙ୍କ ପକ୍ଷରୁ ସାକ୍ଷୀମାନଙ୍କୁ ଯାଞ୍ଚ ପାଇଁ ଡାକିବାକୁ ନିର୍ଦ୍ଦେଶ ଦିଆଯାଇଛି । [863- C ରୁ E]**

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 5699/1995 ।

C.R.P. 2539/1993ରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟର 20.9.93 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପକ୍ଷରୁ କୁମାରୀ ସଙ୍ଗୀତା ଅଗ୍ରୱାଲ ଏବଂ ଏସ୍. କେ. କୁଲକର୍ଣୀ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ଆବେଦନକାରୀ ବାଦୀ ମାଲିକାନା ଘୋଷଣା ଏବଂ ବାଦୀଙ୍କ ଅନୁସୂଚୀ ସମ୍ପତ୍ତିର ଦଖଲ ପାଇଁ ମକଦ୍ଦମା ରୁଜୁ କରିଥିଲେ । ଅଗଷ୍ଟ 3, 1993 ରେ ଆବେଦନକାରୀ ତାଙ୍କ ମାମଲା ପ୍ରମାଣ କରିବା ପାଇଁ ପ୍ରମାଣ ଉପସ୍ଥାପନ କରିବା ପାଇଁ ସାକ୍ଷୀଙ୍କ ତାଲିକା ସହିତ ଡାକିବା ଜାରି କରିବା ପାଇଁ ଏକ ଆବେଦନ ଦାଖଲ କରିଥିଲେ । ସାଧାରଣ କ୍ଷମତାପତ୍ର ଧାରକ ସ୍ୱାମୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ସତ୍ୟପାଠରେ କୁହାଯାଇଛି ଯେ ସାକ୍ଷୀଙ୍କ ତାଲିକା ପୂର୍ବରୁ ଦାଖଲ ହୋଇସାରିଛି ବୋଲି ତାଙ୍କର ପ୍ରକୃତ ଭୁଲ ଧାରଣା ଥିଲା, କିନ୍ତୁ ସେ ବିଚାରରେ ପ୍ରମାଣ ଉପସ୍ଥାପନ କରିବା ପାଇଁ ଓକିଲଙ୍କ ସହ ପରାମର୍ଶ କରି ସେ ପ୍ରସ୍ତୁତ ହେଉଥିବା ସମୟରେ ସେହି ଭୁଲ ଲକ୍ଷ୍ୟ କରିଥିଲେ । ତେଣୁ, ଏହା କୁହାଯାଇଥିଲା ଯେ ସାକ୍ଷୀଙ୍କ ତାଲିକା ଦାଖଲ କରିବାରେ ବିଫଳତା ଉଦ୍ଦେଶ୍ୟମୂଳକ ନୁହେଁ । ତଦନୁସାରେ, ସେ ସାକ୍ଷୀଙ୍କ ତାଲିକା ଦାଖଲ କରିବା ପାଇଁ ନ୍ୟାୟାଳୟଙ୍କ ଅନୁମତି ମାଗିଥିଲେ । ବିଚାରଣ ନ୍ୟାୟାଳୟ ସାକ୍ଷୀଙ୍କ ତାଲିକା ଦାଖଲ କରିବାରେ ବିଳମ୍ବ ପାଇଁ କୌଣସି ଉପଯୁକ୍ତ ସ୍ପଷ୍ଟୀକରଣ ନାହିଁ ବୋଲି ଦର୍ଶାଇ ସେପ୍ଟେମ୍ବର 6, 1993 ରେ ତାଙ୍କ ଆଦେଶରେ ଆବେଦନକୁ ଖାରଜ କରିଦେଇଥିଲେ । କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟ ଆଦେଶରେ ସମୀକ୍ଷା ଉପରେ ହସ୍ତକ୍ଷେପ କରିବାକୁ ମନା କରିଦେଇଥିଲେ । ତେଣୁ, ବିଶେଷ ଅନୁମତି ଦ୍ୱାରା ଏହି ଆବେଦନ ।

ଆଦେଶ 16 ନିୟମାବଳୀ 1 ଏବଂ 1 ( A)ରେ କୁହାଯାଇଛି ଯେ ସାକ୍ଷୀଙ୍କୁ ତାଲିକା ଦାଖଲ କରି ପକ୍ଷମାନଙ୍କ ଦ୍ୱାରା ବିଚାରଣ ନ୍ୟାୟାଳୟରେ ଯାଞ୍ଚ ପାଇଁ ହାଜର କରିବାକୁ ପଡିବ, ଏବଂ ଏଥିରେ ବାଦ ପଡ଼ିବା ଦ୍ୱାରା ସେମାନେ ପ୍ରମାଣ ଦେବା ପାଇଁ କିମ୍ବା ସେମାନଙ୍କ ପକ୍ଷରୁ ଦସ୍ତାବିଜ ଦାଖଲ କରିବା ପାଇଁ

ନ୍ୟାୟାଳୟର ସହାୟତା ନେବାକୁ ବାରଣ କରେ । ଏହା ସତ୍ୟ ଯେ ବିଧାନମଣ୍ଡଳ ଆଦେଶ 16 ନିୟମ1 ସଂଶୋଧନ କରି ନିୟମ 1 ( A) ଯୋଡିଛି ଯାହା ଦେଖାଯାଏ ଯେ ସାକ୍ଷୀଙ୍କ ତାଲିକା କିମ୍ବା ଦସ୍ତାବିଜ ଦାଖଲ କରି ମୋକଦ୍ଦମାର ବିଚାରରେ ଅଯଥା ବିଳମ୍ବ ଘଟାଇବା ଉଚିତ ନୁହେଁ । ତେଣୁ, ଏହା ପରିକଳ୍ପନା କରେ ଯେ ନ୍ୟାୟାଳୟ ଦ୍ୱାରା ସମସ୍ୟା ଫଏସଲା ପାଇଁ ସ୍ଥିର କରାଯାଇଥିବା ତାରିଖରେ କିମ୍ବା ପୂର୍ବରୁ ଏବଂ ସମସ୍ୟା ଫଏସଲା ତାରିଖର 15 ଦିନ ପରେ ନୁହେଁ, ପକ୍ଷମାନେ ଏପରି ସାକ୍ଷୀମାନଙ୍କର ତାଲିକା ଦାଖଲ କରିବେ ଯେଉଁମାନଙ୍କୁ ସେମାନେ ପ୍ରମାଣ ଦେବା ପାଇଁ କିମ୍ବା ଦସ୍ତାବିଜ ଦାଖଲ କରିବା ପାଇଁ ଡାକିବାକୁ ପ୍ରସ୍ତାବ ଦିଅନ୍ତି ଏବଂ ସେମାନଙ୍କୁ ନ୍ୟାୟାଳୟରେ ଉପସ୍ଥିତ ରହିବା ପାଇଁ ଏପରି ସାକ୍ଷୀମାନଙ୍କୁ ଡାକରା ଗ୍ରହଣ କରିବାକୁ ପଡିବ । ସେହିପରି କରିବାରେ ବିଫଳ ହେବା ଉପରେ, ନିୟମ (1) A କୁହେ ଯେ ସେମାନେ ନ୍ୟାୟାଳୟର ସହାୟତା ବିନା ସାକ୍ଷୀମାନଙ୍କୁ ପ୍ରମାଣ ଦେବା ପାଇଁ କିମ୍ବା ଦସ୍ତାବିଜ ଦାଖଲ କରିବା ପାଇଁ ଆଣିପାରିବେ । ଅନ୍ୟ ଶବ୍ଦରେ, ଯଦି ସେମାନେ ସାକ୍ଷୀଙ୍କ ଉପସ୍ଥିତି ପାଇଁ ନ୍ୟାୟାଳୟ ମାଧ୍ୟମରେ ଡାକରା ପାଇବାରେ ବିଫଳ ହୁଅନ୍ତି, ତେବେ ସେମାନେ ନ୍ୟାୟାଳୟର ସହାୟତା ବିନା ସାକ୍ଷୀମାନଙ୍କୁ ଆଣିବା ପାଇଁ ସ୍ୱାଧୀନତା ପାଇବେ । ତେଣୁ, ଏହା ଦେଖାଯିବ ଯେ ବିଧାନମଣ୍ଡଳ ସମ୍ପୃକ୍ତ ମାମଲାର ପ୍ରମାଣ ପାଇଁ ସାକ୍ଷୀମାନଙ୍କୁ ଉପସ୍ଥିତ କରିବା କିମ୍ବା ଦସ୍ତାବିଜ ଉପସ୍ଥାପନ କରିବା ପାଇଁ ପକ୍ଷ ଉପରେ ସମ୍ପୂର୍ଣ୍ଣ ନିଷେଧ ଲଗାଇ ନାହାଁନ୍ତି । ତଥାପି, ଯେତେବେଳେ ସେମାନେ ନ୍ୟାୟାଳୟର ସହାୟତା ଲୋଡ଼ନ୍ତି, ସେମାନଙ୍କୁ ଆଦେଶ 16 ର ନିୟମ 1 ଅନୁଯାୟୀ ନିର୍ଦ୍ଧାରିତ ସମୟ ମଧ୍ୟରେ ସେମାନେ କାହିଁକି ଆବେଦନ ଦାଖଲ କରିନାହାଁନ୍ତି ତାହାର କାରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଏହା ଦେଖାଯାଉଛି ଯେ ଆବେଦନକାରୀଙ୍କ ସ୍ୱାମୀ ଆବେଦନରେ କହିଥିଲେ ଯେ ସେମାନେ ପ୍ରକୃତ ଧାରଣାରେ ଥିଲେ ଯେ ସେମାନେ ସାକ୍ଷୀଙ୍କ ତାଲିକା ସହିତ ଦସ୍ତାବିଜ ଦାଖଲ କରିସାରିଛନ୍ତି ଏବଂ ତାଲିକା ଦାଖଲ ନକରିବାର ଭୁଲ ସେତେବେଳେ ଜଣାପଡିଥିଲା, ଯେତେବେଳେ ସେମାନେ ବିଚାର ପାଇଁ ପ୍ରସ୍ତୁତ ହେଉଥିଲେ । ଏହା ବିବାଦର ବିଷୟ ନୁହେଁ ଯେ ବିଚାର ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ । ଏହି ପରିସ୍ଥିତିରେ, ଆମେ ଭାବୁଛୁ ଯେ ବାଦୀଙ୍କ ଦ୍ୱାରା ପ୍ରମାଣ ଅଣାଯିବା ପାଇଁ ସାକ୍ଷୀମାନଙ୍କୁ ଡକାଇବା ପାଇଁ ତାଲିକା ଗ୍ରହଣ କରିବାକୁ ମନା କରି ବିଚାରଣ ନ୍ୟାୟାଳୟ ବେଆଇନ କାର୍ଯ୍ୟ କରିଛନ୍ତି । ତଦନୁସାରେ ଆବେଦନକୁ ଅନୁମତି  ଦିଆଯାଇଛି । ବିଚାରଣ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବାତିଲ କରିଦିଆଯାଇଛି । ପୂର୍ବରୁ ଦିଆଯାଇଥିବା ତାଲିକାଟି ଏକ ବୈଧ ତାଲିକା ଅଟେ । ବାଦୀଙ୍କ ପକ୍ଷରୁ ସାକ୍ଷୀମାନଙ୍କୁ ଯାଞ୍ଚ ପାଇଁ ଡାକିବାକୁ ବିଚାରଣ ନ୍ୟାୟାଳୟକୁ ନିର୍ଦ୍ଦେଶ ଦିଆଯାଇଛି ।   କୌଣସି ଖର୍ଚ୍ଚ ନାହିଁ ।

ଜି. ଏନ୍.                                                    ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମା ରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**

ସୁମିତ୍ରା ସାହୁ ,ଅନୁବାଦିକା,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।